# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୧୦ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୦୫ ତାରିଖ: ୦୨.୦୨.୨୦୨୪


## ସମ୍ବଲପୁର

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ଏବଂ ଏହି ଅବଧି ମଧରେ ଆକାଶ ପ୍ରଥମ ଦିନରେ ସାଧାରଣତଃ ମେଘାଚ୍ଛନ୍ନ ଏବଂ ତାହାପରେ ସଫା କିମ୍ବା ଆଂଶିକ ସଫା ରହିପାରେ । ଆସନ୍ତା ୫ ଦିନ ମଧରେ ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୧ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୭ ରୁ ୧୯ ଡିଗ୍ରୀ ସେଣ୍ଟିଗ୍ରେଡ ମଧରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୪୬% ରୁ ୯୨% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୦% ରୁ ୨୯% ମଧରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧରେ ୬ ରୁ ୮ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପଶ୍ଚିମ କିମ୍ବା ଦକ୍ଷିଣ ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 03-02-2024 | 04-02-2024 | 05-02-2024 | 06-02-2024 | 07-02-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 1 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 28 | 30 | 31 | 30 | 30 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 19 | 18 | 17 | 18 | 17 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 4 | 0 | 0 | 0 | 2 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 56 | 46 | 57 | 92 | 73 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 29 | 22 | 20 | 28 | 25 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 6 | 6 | 6 | 6 | 8 |
| ପବନ ଦିଗ (ଡିଗ୍ରୀ) | 202 | 135 | 120 | 252 | 250 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ବର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

### ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୦୭ ରୁ ୧୩ ଫେବ୍ରୁୟାରୀ, ୨୦୨୪) ଓଡିଶାରେ ବର୍ଷାର ସ୍ଥିତି ସ୍ୱଭାବିକ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ ସ୍ୱଭାବିକ ରହିବାର ସମ୍ଭାବନା ଅଛି । ଗ୍ରୀଷ୍ମକାଳିନ ପନିପରିବା ଚାଷ ପାଇଁ ନର୍ସରୀରେ ବିହନ ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ଚାଷୀ ଭାଇମାନଙ୍କୁ କୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ ଶୁଷ୍କ ପାଗରେ ଏହି ସପ୍ତାହ ମଧରେ କରିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆସନ୍ତା ସପ୍ତାହର ପରବର୍ତୀ ସପ୍ତାହରେ ପାଗରେ ପରିବର୍ତ୍ତନର ସମ୍ଭାବନା ଅଛି ।

### ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ମୁଗ ଏବଂ ବିରି | ବନସ୍ପତି ବିକାସ | ଯଦି ମୁଗ ଓ ବିରି ଜାତୀୟ ଫସଲରେ ସାହେବୀ ରୋଗର ଲକ୍ଷଣ ଦେଖାଯାଏ ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |
| ସୋରିଷ | ପୁଷ୍ପ ଏବଂ ଫଳ ବାହାରିବା ଅବସ୍ଥା | ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ସୋରିଷ ଗଛରେ ଜଉପୋକ ଏବଂ କରତିଆ ମାଛି (Saw fly) ର ନିୟନ୍ତ୍ରଣ ପାଇଁ ଯଥାକ୍ରମେ ୦.୩ ମିଲି ଇମିଡାକ୍ଲୋରପ୍ରିଡ୍ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ୍ ଏବଂ କ୍ଲୋରୋପାରିଫସ୍ @ ୦.୫ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଖିଲା ପାଗକୁ ଦେଖି ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି । |
| ରାଶି | ବିହନ ବୁଣିବା | ଏକର ପିଛା ୨ ରୁ ୨.୫ କିଲୋ ବିହନ ହିସାବରେ ରାଶିର ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ବିହନ ବୁଣିବା ପୂର୍ବରୁ ୨ ଗ୍ରାମ ବାଭିସ୍ଟିନ କୁ ପ୍ରତି କିଲୋ ବିହନ ହିସାବରେ ବିଶୋଧନ କରନ୍ତୁ ଏବଂ ଏହାର ବିହନର |

| | | |
|---|---|---|
| | | ଆକାର ଛୋଟ ହୋଇଥିବାରୁ ବୁଣିବା ସମୟରେ ବିହନରେ ବାଲି କିମ୍ବା ମାଟି ମିଶାଇ ଧାଡ଼ିରେ ବୁଣନ୍ତୁ । |
| ଚିନାବାଦାମ | ବନସ୍ପତି ବିକାସ | ବିହନ ବୁଣିବାର ୧୫ ଦିନ ମଧ୍ୟରେ ଘାସମରା ଔଷଧ ଭାବରେ ୩ ମିଳି ଇମାଯେଥାପିରକୁ ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କରିପାରିବେ । |
| ବାଇଗଣ, ଟମାଟର | ପୁଷ୍ପ ଏବଂ ଫଳ ଅବସ୍ଥା | ଯଦି ବାଇଗଣ ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଲୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । ଧଳା ମାଛିର ନିୟନ୍ତ୍ରଣ ପାଇଁ ୦.୩ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଟମାଟର | ବୁଣିବା/ ବନସ୍ପତି ବିକାସ | ଗ୍ରୀଷ୍ମକାଳିନ ଟୋମାଟୋ ଚାଷ ପାଇଁ ବିହନ ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି କାରଣ ଏବେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖାଯିବାର ସମ୍ଭାବନା ଅଛି ଯାହା ବିହନର ଅଂକୁରଣ ପାଇଁ ଉପଯୋଗୀ ଅଟେ । ଯେଉଁ ଗଛଗୁଡା ବନସ୍ପତି ବିକାସ ସ୍ତରରେ ଅଛି ସେଥିରେ କୁଡା ଖୋସା ଏବଂ ଘାସ ମାରିବା ପାଇଁ ଉପଯୁକ୍ତ ପ୍ରବନ୍ଧ ପରାମର୍ଶ ଦିଆଯାଇଅଛି । |
| ପଶୁପାଳନ | ପଶୁମାନଙ୍କୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ସହିତ ଖନିଜ ଲବଣ, ଗୁଡ଼ ଇତ୍ୟାଦି ଯୋଗାଇବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି । ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ ଏବଂ ରୋଗିଣା ପଶୁମାନଙ୍କୁ ସୁସ୍ଥ ପଶୁମାନଙ୍କଠୁ ଅଲଗା ରଖନ୍ତୁ । | |

---


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |


---

କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ/ଇୟରଲିଙ୍ଗ, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

**ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।** (https://play.gooogle.com/store/apps/details?id=com.aas.meghdoot)

**କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।** (https://play.google.com/store/apps/details?id=com.lightening.live.damini)